# ଅନେକ ଦିନ ତଳର କଥା

ରଣଜିତ୍ ସିଂହ

ଅନେକ ଦିନ ତଳର କଥା । ଥରେ ଦୁଇଜଣ କଲେଜ ଛାତ୍ର ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଓ ଶ୍ରୀ ବିଜୟ ମୋହନ ମିଶ୍ର ନିମ୍‌ଚୌଡ଼ିସ୍ଥ ଆମ ବହି ଦୋକାନକୁ ଆସିଥିଲେ କିଛି ଗୀତିନାଟ୍ୟ ଓ ପ୍ରାଚୀନ ନାଟକ ବହି କିଣିବାକୁ । ସେତେବେଳେ ବୈଷ୍ଣବ ପାଣିଙ୍କ ସୁଆଙ୍ଗ ଓ ଗୀତିନାଟ୍ୟ ଓଡ଼ିଶାରେ ଚହଳ ପକାଇଥିଲା । ବୈଷ୍ଣବ ପାଣି ଥିଲେ ଗୀତି-ନାଟକର ଜଣେ ଅଦ୍ୱିତୀୟ ସ୍ରଷ୍ଟା । ତାଙ୍କର ନାଟକର ଭାଷା, ସଂଳାପ, ଓ ଗୀତର ସୁର ସମସ୍ତଙ୍କୁ ବିମୋହିତ କରିପାରିଥିଲା । ତାଙ୍କର ଗୀତିନାଟ୍ୟ ସେତେବେଳେ ଜନନାଟ୍ୟ ବା ଗଣନାଟ୍ୟରେ ପରିଣତ ହୋଇଯାଇଥିଲା । ଏପରି ଗଣସାହିତ୍ୟକୁ ଅଧିକ ପ୍ରଚାର କରିବା ପାଇଁ ଓ ସହରାମୁଖୀ କରାଇବା ପାଇଁ ଚନ୍ଦ୍ର ଓ ବିଜୟ ଆମ ବହି ଦୋକାନକୁ ଆସିଥିଲେ କିଛି ବହି କିଣିବାକୁ । କଥାବାର୍ତ୍ତା ଭିତରେ ମୁଁ ତାଙ୍କୁ ପରାମର୍ଶ ଦେଇଥିଲି ଏ ପ୍ରକାର ଗଣସାହିତ୍ୟର ପ୍ରସାର ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଦରକାର । ସେମାନେ ଏକ ଅନୁଷ୍ଠାନ ଗଠନ କରିବାର ଇଚ୍ଛା ପ୍ରକାଶ କରିଥିଲେ । ପରେ ସେ ଅନୁଷ୍ଠାନ 'ସଂସ୍କୃତି ବିହାର' ନାମରେ ନାମିତ ହେଲା । ବିଜୟ ଓ ଚନ୍ଦ୍ର ହିଁ ହେଉଛନ୍ତି 'ସଂସ୍କୃତି ବିହାର'ର ଆଦ୍ୟ ଚିନ୍ତକ । ଏହାର ଉଦ୍ଦେଶ୍ୟ ଥିଲା ଲୋକନାଟ୍ୟର ପ୍ରସାର ନିମନ୍ତେ କାର୍ଯ୍ୟ କରିବା ପାଇଁ ଏକ ଭଲ ଦଳଟିଏ ଗଢ଼ିବା ।

ଠିକ୍ ସେତିକିବେଳେ କାଳୀଗଳିରେ ମୋର ଖଣ୍ଡିଏ ଘର ଥିଲା । ସେଠି କେହି ରହୁ ନ ଥିଲେ । ଘରଟି ଫାଙ୍କା ଥିଲା । ମୋର ବଡ଼ପୁଅ ସରୋଜର ଘନିଷ୍ଠ ବନ୍ଧୁ ହେଉଛନ୍ତି ବିଜୟ ଓ ଚନ୍ଦ୍ର । ସେମାନଙ୍କର ଅନ୍ୟ ବନ୍ଧୁମାନେ ଥିଲେ ପିନାକୀ, ସ୍ୱରୂପ, ପ୍ରଶାନ୍ତ, ନିର୍ମଳ, ନାରାୟଣ, ଶୁଭାଂଜନ ଓ ମୋର ବାଲ୍ୟବନ୍ଧୁ ସୁରେନ୍ ମହାନ୍ତିଙ୍କ ସୁପୁତ୍ର ଦେବକୀ । ବୟସର ଆଧିକ୍ୟ ଦୃଷ୍ଟିରୁ ମୁଁ ଅନ୍ୟ ପିଲାମାନଙ୍କ କଥା ମନେ ପକାଇ ପାରୁନି । ଏମାନେ ସବୁ ଏକାଠି ହେଲେ ସଂସ୍କୃତି ବିହାର ରଥକୁ ଆଗକୁ ଟାଣି ନେବା ପାଇଁ । ସରୋଜର ବନ୍ଧୁମାନଙ୍କ ଉପରେ ମୋର ବିଶ୍ୱାସ ଥିଲା । ମୁଁ ମୋର କାଳୀଗଳିସ୍ଥ ଘରଟିକୁ ସଂସ୍କୃତି ବିହାରର କାର୍ଯ୍ୟସ୍ଥଳୀ କରିବା ପାଇଁ ଅନୁମତି ଦେଇଥିଲି ।

ସେମାନେ ସମସ୍ତେ ସେତେବେଳେ ଯୌବନର ପ୍ରଥମ ପାହାଚରେ ଗୋଡ଼ ରଖିଥିଲେ । ସେମାନେ ପ୍ରତ୍ୟେକ ଥିଲେ ଜଣେ ଜଣେ ଚରିତ୍ରବାନ୍ ଯୁବକ । ଆମ ଘରଟିର ସେମାନେ ସଦ୍ ବ୍ୟବହାର କରିଥିଲେ । ସଂସ୍କୃତି ବିହାର ପାଇଲା ନିଜ ପାଇଁ ଗୋଟିଏ ଭିଟାମାଟି । ସରୋଜର ବନ୍ଧୁମାନେ ଲୋକନାଟ୍ୟର ପ୍ରସାର ପାଇଁ ମନ ପ୍ରାଣ ଦେଇ ଲାଗି ପଡ଼ିଲେ । ତା ସାଙ୍ଗେ ସାଙ୍ଗେ ସେମାନେ ନିଜର ବ୍ୟକ୍ତିଗତ ଜୀବନକୁ ସଂଗଠିତ କରି ନିଜ ପାଇଁ ମଧ୍ୟ ସଫଳତା ହାସଲ କଲେ ଯାହା ପାଇଁ ମୁଁ ଆଜି ବହୁତ ଖୁସି ଓ ଆନନ୍ଦିତ । ମୋ ଘରଟିର ଯଦି ସେମାନେ ଅପବ୍ୟବହାର କରିଥା'ନ୍ତେ ତେବେ ମୁଁ ବହୁତ ଦୁଃଖିତ ହୋଇଥାନ୍ତି । ଆଜି ସେମାନେ ସମାଜରେ ସୁପ୍ରତିଷ୍ଠିତ । ବିଜୟ ଆମେରିକାରେ ଜଣେ ବୈଜ୍ଞାନିକ ଓ ଓଡ଼ିଆ ସଂସ୍କୃତିର ପ୍ରସାର ପାଇଁ ବହୁତ କାମ କରୁଛନ୍ତି । ପିନାକୀ, ଶୁଭାଂଜନ ଆଜି ଶିଳ୍ପପତି । ଦେବକୀ ଆଜି ଜଣେ ଇଂଜିନିୟର । ପ୍ରଶାନ୍ତ ନନ୍ଦ ଓଡ଼ିଆ ସିନେମାର ଆଜି ଜଣେ ଅଲଙ୍କୃତ ବ୍ୟକ୍ତି । ଚନ୍ଦ୍ର ଶେଖର ନାଟ୍ୟଶାସ୍ତ୍ରରେ ଗୁଣୀ, ସୁଲେଖକ, ନାଟ୍ୟ ସଂଳାପ ବିଶାରଦ ଓ ସିନେମା ପ୍ରଯୋଜକ । ନିର୍ମଳ ଜଣେ ସଫଳ ଶିକ୍ଷାବିତ୍ ଓ ଅତ୍ୟନ୍ତ କଳାପ୍ରେମୀ ମଣିଷ, ନାରାୟର ଆଜି ଜଣେ ଅତ୍ୟନ୍ତ ଦକ୍ଷ, ସଫଳ ଗୀତିନାଟ୍ୟ ନିର୍ଦ୍ଦେଶକ । ମୋର ସହପାଠୀ ବାଲ୍ୟବନ୍ଧୁ ଶାରଦା ନାୟକଙ୍କ ଅନୁଜ ସ୍ୱରୂପ ଆଜି ଏକାଧାରାରେ ଜଣେ ସିନେମା ଅଭିନେତା, ଗୀତିକାର ଓ ଓଡ଼ିଆ ସିନେମାର ସଫଳ ସଙ୍ଗୀତ ନିର୍ଦ୍ଦେଶକ । ଏମାନେ ହିଁ ଥିଲେ ସେତେବେଳେ ସଂସ୍କୃତି ବିହାରର ମଞ୍ଜି ।

ଏମାନଙ୍କୁ ମିଳିଲେ ଗୀତିନାଟ୍ୟ ବିଶାରଦ ନାଟ୍ୟମଞ୍ଚ ଗବେଷକ ଧୀରେନ୍ ଦାଶ । ଧୀରେନ ଦାଶଙ୍କ ସହିତ ସଂସ୍କୃତି ବିହାରର ସଂଯୋଗ ହେଲା ମଣିକାଞ୍ଚନ ସଂଯୋଗ । ଗୀତିନାଟ୍ୟର ଏକ ନୂତନ ଇତିହାସର ଉନ୍ମେଷ ହେଲା । ସୃଷ୍ଟି ହେଲା ବିରାଟପ୍ରେକ୍ଷାର ପରିକଳ୍ପନା । ଗୀତିନାଟ୍ୟର ପ୍ରେକ୍ଷାକୁ ଲୋକନାଟ୍ୟ ସଙ୍ଗୀତରେ ସଙ୍ଗୀତ ମୁଖର କରିଦେଲେ କୃଷ୍ଣଚନ୍ଦ୍ର ପାଣ୍ଡେ । ଅନେକ ବଡ଼ ବଡ଼

ଲୋକମାନେ ଧୀରେ ଧୀରେ ସଂସ୍କୃତି ବିହାର ସହିତ ଜଡ଼ିତ ହେବାକୁ ଲାଗିଲେ । ଡାକ୍ତର ଜ୍ୟୋତ୍ସ୍ନା ଦେଇଙ୍କର ସମ୍ପର୍କୀୟ ବିଗ୍ରେଡିୟର ସଂଗ୍ରାମ କେଶରୀ ରାୟ ସଭାପତି ହେଲେ । ପ୍ରସିଦ୍ଧ ସଂଗୀତଜ୍ଞ ପ୍ରଣବ କିଶୋର ପଟ୍ଟନାୟକ ଉପସଭାପତି ହେଲେ । ପରବର୍ତ୍ତୀ କାଳରେ ମନମୋହନ ମିଶ୍ର ସଂସ୍କୃତି ବିହାରର ଉପଦେଷ୍ଟା ହେଲେ ଓ ସଭାପତି ମଧ ହେଲେ । ଏମାନେ ସମସ୍ତେ ସଂସ୍କୃତିବିହାରର ଦିଗଦର୍ଶକ ହୋଇ ଅନୁଷ୍ଠାନକୁ ସଠିକ ବାଟରେ ଆଗକୁ ଟାଣିନେଲେ ।

ଆମ ଘରେ ରିହର୍‌ସେଲ ଚାଲେ । ସେ ରିହର୍‌ସେଲରେ ପିଲାମାନେ କେତେ ପରିଶ୍ରମ କରନ୍ତି ତାହା ମୁଁ ଦେଖିଛି । ରିହର୍‌ସେଲକୁ ବହୁତ ଲୋକ, କଳାକାର, ସଙ୍ଗୀତଜ୍ଞ, ନାଟ୍ୟପ୍ରେମୀ ସଂଗଠକମାନେ ଆସୁଥିଲେ । ମୋର ବାଲ୍ୟବନ୍ଧୁ, ସହପାଠୀ ଶାରଦା ପ୍ରସନ୍ନ ନାୟକଙ୍କ ସହିତ ରିହର୍‌ସେଲ୍‌ରେ ବାର୍ତ୍ତାଳାପ କରିବାର ସୁଯୋଗ ବଢ଼ିଗଲା । ଭୁପେନ୍ ଘୋଷ ମଧ ଆସୁଥିଲେ । ଶ୍ୟାମସୁନ୍ଦର ପରିଜା, କିଶୋର କବି ଶ୍ୟାମସୁନ୍ଦର ଦାସ, ଗୋପକୃଷ୍ଣ ଦାସ, ପ୍ରଫେସର ରାଜକିଶୋର ରାୟଙ୍କ ପରି ନାଟ୍ୟପ୍ରେମୀ, ନାଟ୍ୟପ୍ରବୀଣ ବ୍ୟକ୍ତିମାନେ ରିହର୍‌ସେଲ୍‌କୁ ଆସୁଥିଲେ ଓ ଗୀତିନାଟ୍ୟ କିପରି ଅଧିକ ସୁନ୍ଦର ହେବ ସେ ସମ୍ପର୍କରେ ଉପଦେଶ ଦେଉଥିଲେ । ପ୍ରଫେସର ରାଜକିଶୋର ରାୟ ଜଣେ ଭାବପ୍ରବଣ ବ୍ୟକ୍ତି । ରିହରସେଲ୍ ଚାଲୁଥିବା ବେଳେ ସେ ବେଳେ ବେଳେ ଅତ୍ୟନ୍ତ ଉତ୍ସାହିତ ହୋଇ ଢୋଲକ ବାଦକଙ୍କଠାରୁ ଢୋଲକ ଛଡ଼ାଇ ଆଣି ନିଜେ ଗୀତିନାଟ୍ୟର ସୁରର ଛନ୍ଦରେ ଢୋଲକ ବଜାନ୍ତି ଓ ପିଲାଙ୍କ ରିହରସେଲ୍ ଚାଲେ । ଗଙ୍ଗାଧରଙ୍କ ସୁଲଳିତ କଣ୍ଠରେ "ଗାଅ ଗାଅରେ ବୀଣା" ଗୀତ ମୋତେ ବହୁତ ଭଲ ଲାଗୁଥିଲା । ନାରାୟଣଙ୍କର ବେନୁଆ ମା ଗୀତ – 'ମୁଁ ବାବାଜୀ, ତୁ ମାତାଜୀ, ଆଉ ଝୁଲାମୁଣି କାହିଁ ?' – ସମସ୍ତଙ୍କୁ ହସର ଲହରିରେ ଭସାଇ ଦେଉଥିଲା । ନିର୍ମଳଙ୍କର 'ଆରେ ଭଣ୍ଡଭୀମ ମୁହିଁ ତୋର ଯମ' ଗୀତ ଆମ ଘରକୁ ପ୍ରକମ୍ପିତ କରି ଦେଉଥିଲା । ଏ ସବୁ କଥାର ସ୍ମୃତି ମତେ ଏବେ ବି ବହୁତ ରୋମାଞ୍ଚିତ କରେ ।

ସେତେବେଳେ ମୋ ବୟସ ୪୦ରୁ ୫୦ ଭିତରେ । ଦେହରେ ଶକ୍ତି ଥିଲା । ବେଳେ ବେଳେ ଷ୍ଟେଜ୍ ରିହର୍‌ସେଲ୍ ଦେଖିବା ପାଇଁ ବାରବାଟୀ କିଲ୍ଲା ପଡ଼ିଆକୁ ଯାଉଥିଲି ଭୁପେନ୍ ଘୋଷଙ୍କ ସାଥୀରେ । ରିହର୍‌ସେଲ୍‌ର ସଙ୍ଗୀତ ବାଜଣାକୁ କଣ୍ଟ୍ରୋଲ୍ କରନ୍ତି ଅଧ୍ୟାପକ ଜାନକୀବଲ୍ଲଭ ମହାନ୍ତି । ହାତରେ ଖଣ୍ଡିଏ ଚାକୁଣ୍ଡା ଗଛର ଡାଳ । ତାକୁ ହଲେଇ ହଲେଇ ସେ ଘୁରି ବୁଲନ୍ତି ପଡ଼ିଆ ସାରା ଓ ରିହର୍‌ସେଲ୍‌କୁ ଶୃଙ୍ଖଳିତ କରନ୍ତି । କାହାକୁ ବିଶୃଙ୍ଖଳିତ କରାଇ ଦିଅନ୍ତି ନାହିଁ । ସେ କହନ୍ତି – I am a soldier under the command of my master Dhiren Dash. ସମସ୍ତେ ଶୃଙ୍ଖଳିତ ହୁଅ । ତାଙ୍କ କଥା ମୋ ମନରେ ଏବେବି ଅଭୁଲା ହୋଇ ରହିଛି ।

ଗୀତିନାଟ୍ୟର ଚରିତ୍ରମାନେ ମଞ୍ଚ ଉପରକୁ ଆସିବା ପାଇଁ ବ୍ୟବହାର କରାଯାଉଥିଲା ରଥ, ଯାହା ପ୍ରକୃତରେ ଏକ ସୁସଜ୍ଜିତ ଘୋଡ଼ା ଗାଡ଼ି ଥିଲା । ସେ ଘୋଡ଼ାଗାଡ଼ି ଆଣୁଥିଲେ ଦରଘା ବଜାରର କାଲେ ଖାଁ । ମୋର ପତ୍ନୀ ସରୋଜର ମା' ରାଇମଣୀ କହୁଥିଲେ କାଲେ ଖାଁର ବାପାଙ୍କ ସେ ଘୋଡ଼ାଗାଡ଼ି ଥିଲା । ସେ ଘୋଡ଼ାଗାଡ଼ିରେ ବସି ରେଭେନ୍‌ସା ଗାର୍ଲସ୍ ସ୍କୁଲର ଝିଅମାନେ ପାଠ ପଢ଼ିବାକୁ ସ୍କୁଲ ଆସୁଥିଲେ। ସେଦିନର ସେହି ଐତିହାସିକ ଘୋଡ଼ାଗାଡ଼ି ହୋଇଗଲା ସଂସ୍କୃତି ବିହାରର ରଥ । ସେ ରଥରେ ଆରୋହି ହେଲେ ଅର୍ଜୁନ ଓ ସାରଥୀ ହେଲେ ସ୍ୱୟଂ ଶ୍ରୀକୃଷ୍ଣ ।

ଏମିତି ଅନେକ କଥା କହି ବସିଲେ ସରିବ ନାହିଁ । ସବୁ ଆଜି ଜୀବନର ମଧୁର ସ୍ମୃତି । ସଂସ୍କୃତି ବିହାର ଏବେ ପାଳନ କରୁଛି ତାର ସୁବର୍ଣ୍ଣ ଜୟନ୍ତୀ । ମୁଁ ଆଜି ୮୮ ବର୍ଷରେ ପଦାର୍ପଣ କଲିଣି । ଶରୀର ଶୀର୍ଣ୍ଣ ଓ କ୍ଳାନ୍ତିରେ ଅବନତ । ହେଲେ, ସଂସ୍କୃତି ବିହାରର ସୁବର୍ଣ୍ଣ ଜୟନ୍ତୀର ସଂଜୀବନୀ ମୋ ପାଇଁ ଏକ ନୂତନ ଉନ୍ମାଦନା ଆଣିଦେଇଛି । ମୁଁ ମୋ ପୁଅ ସରୋଜର ବନ୍ଧୁମାନଙ୍କ ସହିତ ତାଳ ଦେଇ ପାରିବିନି । ସେମାନେ ସଂସ୍କୃତି ବିହାରକୁ ଆହୁରି ସଫଳ କରନ୍ତୁ । ସେମାନଙ୍କର ଆହୁରି ଅନେକ କଥା କରିବାର ଅଛି । ସେମାନଙ୍କର ଉଦ୍ୟମ ଜାରି ରହୁ । ସେମାନଙ୍କର ଲକ୍ଷ୍ୟ ପୂରଣ ହେଉ । ମୋ ମନର ଅନ୍ତରତମ କୋଣରୁ ସେମାନଙ୍କୁ ଅଶେଷ ଆଶୀର୍ବାଦ । ସଂସ୍କୃତିବିହାର ଜୟଗୀତି ମୋ କର୍ଣ୍ଣରେ ମୋ ଜୀବନରେ ଶେଷ ପର୍ଯ୍ୟାୟରେ ନିନାଦିତ ହେଉ ।

*ବୁଢ଼ୀ ଠାକୁରାଣୀ, କଟକ-୭୫୩୦୦୨*